କୌଶଲ୍ୟା ଦେବୀ ଏବଂ ଅନ୍ୟମାନେ

ବନାମ

ଶ୍ରୀ କେ. ଏଲ. ବନ୍ସଲ

ଡିସେମ୍ବର 3,1968

[ଏସ୍. ଏମ୍. ସିକ୍ରି, ଆର୍. ଏସ୍. ବାଚାୱତ୍ ଏବଂ କେ. ଏସ୍. ହେଗଡେ, ନ୍ୟାୟାଧୀଶବୃନ୍ଦ ]

*ଦିଲ୍ଲୀ ଏବଂ ଆଜମେର ଭଡ଼ା ନିୟନ୍ତ୍ରଣ ଅଧିନିୟମ 1952ର ଧାରା 13- ଧାରା 13ର ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ନରଖି ଆପୋସ ସମାଧାନ ଡିକ୍ରି ପାରିତ ହୋଇଛି-ଯଦି ବୈଧ*

ଆବେଦନକାରୀ-ବାଦୀମାନେ ଫେବୃଆରୀ 1956 ରେ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବା ପାଇଁ ଏହି ଆଧାରରେଏକ ମକଦ୍ଦମା ଦାୟର କରିଥିଲେ, ଯେ ସେମାନଙ୍କ ନିଜସ୍ୱ ବ୍ୟବହାର ପାଇଁ ପରିସର ଗୁଡିକର ଆବଶ୍ୟକ ଥିଲା, ଯେ ପ୍ରତିବାଦୀ ପୂର୍ବରୁ ନିଜର ଏକ ଉପଯୁକ୍ତ ଘରର ଅଧିକାରୀ ଥିଲେ, ଏବଂ ଉତ୍ତରଦାତା ଏକ ଲିଖିତ ବିବୃତି ଦାଖଲ କରିବା ପରେ ଏବଂ ପ୍ରସଙ୍ଗ ପ୍ରସ୍ତୁତ ହେବା ପରେ ଭଡ଼ା ପ୍ରଦାନ କରିବାରେ ବିଫଳ ହୋଇଥିଲେ, ସେମାନଙ୍କ ଦ୍ୱାରା ଏକ ମିଳିତ ଆବେଦନ କରାଯାଇଥିଲା ଯେ ଏକ ଆପୋଷ ବୁଝାମଣା ସମ୍ପାଦିତ ହୋଇସାରିଛି । ବିଚାରଣ ନ୍ୟାୟାଳୟ ବାଦୀଙ୍କ ସପକ୍ଷରେ ମାମଲାର ନିଷ୍ପତ୍ତି ନେଇଥିଲେ, ଯାହା ଆପୋଷ ବୁଝାମଣା ଆଧାରରେ 31 ଡିସେମ୍ବର 1958 ପରେ ପ୍ରତିବାଦୀଙ୍କୁ ବହିଷ୍କରଣ କରିବା ପାଇଁ ବ୍ୟବସ୍ଥା କରିଥିଲା ଏବଂ ସହମତି ଅନୁସାରେ ମାନକ ଭଡା ସ୍ଥିର କରିଥିଲା । ତେବେ ପ୍ରତିବାଦୀ ଡିସେମ୍ବର 1958ରେ ପରିସର ଖାଲି କରିନଥିଲେ ଏବଂ ଫେବୃଆରୀ 1959ରେ ଦେୱାନୀ କାର୍ଯ୍ୟବିଧି ସଂହିତା ର ଧାରା 47 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ଏହି ଡିକ୍ରିର ବୈଧତାକୁ ଆପତ୍ତି କରି ଅଭିଯୋଗ କରିଥିଲେ ଯେ ଏହା ଦିଲ୍ଲୀ ଏବଂ ଆଜମେର ଭଡ଼ା ନିୟନ୍ତ୍ରଣ ଅଧିନିୟମ 1952ର ବ୍ୟବସ୍ଥାର ଉଲ୍ଲଙ୍ଘନ କରି ପାରିତ ହୋଇଛି ଏବଂ ଏହା ଯୁକ୍ତି ଦର୍ଶାଇଥିଲା ଯେ ଏହି ଡିକ୍ରିଟି ଅବୈଧ ଥିଲା । ସେ ଉପ ନ୍ୟାୟାଧୀଶଙ୍କ ସମ୍ମୁଖରେ ଏବଂ ବରିଷ୍ଠ ଉପ ନ୍ୟାୟାଧୀଶଙ୍କ ସମ୍ମୁଖରେ ଆବେଦନ କରି ବିଫଳ ହୋଇଥିଲେ । ତେବେ ଉଚ୍ଚ ନ୍ୟାୟାଳୟ ପୁନରୀକ୍ଷଣ ପରେ ତାଙ୍କ ସପକ୍ଷରେ ନିର୍ଣ୍ଣୟ ପ୍ରଦାନ କରିଥିଲେ ।

ଏହି ନ୍ୟାୟାଳୟରେ ଆବେଦନ କରିବା ପରେ,

ନିର୍ଣ୍ଣିତ ଯେ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ରାୟ ପ୍ରଦାନ କରିଥିଲେ ଯେ ଏହି ଡିକ୍ରି ଅବୈଧ ଥିଲା କାରଣ ଆପୋଷ ବୁଝାମଣା ଆଧାରରେ ପାରିତ ଆଦେଶ ସୂଚିତ କରିନଥିଲା ଯେ ଏଥିରେ ଅଧିନୀୟମର ଧାରା 13 ଅଧୀନରେ ଉଲ୍ଲିଖିତ କୌଣସି ବୈଧାନିକ ଆଧାର ବିଦ୍ୟମାନ ନାହିଁ ।

*ବାହାଦୁର ସିଂ ବନାମ ମୁନି ସୁବ୍ରତ ଦାସ,* [1969] 2 S.C.R. 432, ମାମଲା ଅନୁସରଣ କରାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 98/1966 ।

ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 140-D /1961 ରେ ଦିଲ୍ଲୀସ୍ଥିତ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର ସର୍କିଟ ଖଣ୍ଡପୀଠଙ୍କର ସେପ୍ଟେମ୍ବର, 7, 1962ର ରାୟ ଏବଂ ଆଦେଶରୁ ଏହି ଆବେଦନ ।

*ଆବେଦନକାରୀଙ୍କ ପାଇଁ ଏସ୍. ପି. ସିହ୍ନା, ଜି. ଭୀମସେନ ରାଓ ଏବଂ ଏମ୍.* ଆଇ. ଖୋୱାଜା।

ଉତ୍ତରଦାତାଙ୍କ ପାଇଁ *ଆଇ. ଏନ୍. ଶ୍ରଫ୍* ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ସିକ୍ରିଙ୍କ ଦ୍ୱାରା, ଦିଲ୍ଲୀସ୍ଥିତ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର ସର୍କିଟ ଖଣ୍ଡପୀଠଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରମାଣପତ୍ର ଏହି ନ୍ୟାୟାଳୟଙ୍କର *ବାହାଦୁର ସିଂ ବନାମ ମୁନି ସୁବ୍ରତ ଦାସ* ମାମଲାର ନିର୍ଣ୍ଣୟ ଦ୍ୱାରା ପରିଚାଳିତ । ବର୍ତ୍ତମାନର ଆବେଦନ ଯେଉଁ ତଥ୍ୟରୁ ଉପୁଜିଛି ସେଗୁଡିକ ଏହିପରି । ରଘୁନାଥ ଶର୍ମା, ଯିଏକି ଆବେଦନକାରୀଙ୍କ ପୂର୍ବ ସ୍ୱତ୍ୱାଧିକାରୀ ଥିଲେ ଯାହାଙ୍କୁ ଏହାପରେ ବାଦୀ ବୋଲି ଉପସ୍ଥାପିତ କରାଯାଇଛି ସେ 7 ଫେବୃଆରୀ, 1956 ରେ ଦିଲ୍ଲୀର ପ୍ରଥମ ଶ୍ରେଣୀ ନ୍ୟାୟାଳୟର ଉପ ବିଚାରପତିଙ୍କ ନିକଟରେ ତାଙ୍କର ଭଡ଼ାଟିଆ କେ. ଏଲ. ବଂଶଲ ଯାହାଙ୍କୁ ଏହାପରେ ପ୍ରତିବାଦୀ ଭାବରେ ଉଲ୍ଲେଖ କରାଯାଇଛି ତାଙ୍କୁ ଉଚ୍ଛେଦ କରିବା ପାଇଁ ମକଦ୍ଦମା ସଂଖ୍ୟା 53/1956 ଦୟାର କରିଥିଲେ । ସେ ଅଭିଯୋଗ ପତ୍ରରେ ବହିଷ୍କାର ପାଇଁ ତିନୋଟି ଆଧାର ଦେଇଥିଲେ : (1) ତାଙ୍କ ପାଇଁ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଇଁ ବାସସ୍ଥାନ ଭାବରେ ଭାଗଦଖଲ ପାଇଁ ବାଦୀଙ୍କ ଦ୍ୱାରା ପରିସରଟି ଯଥାର୍ଥ ଭାବରେ ଆବଶ୍ୟକ ଥିଲା, ଏବଂ ତାଙ୍କ ଯଥାର୍ଥ

ଆବାସିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ତାଙ୍କ ପାଖରେ ଅନ୍ୟ କୌଣସି ଉପଯୁକ୍ତ ବାସସ୍ଥାନ ନଥିଲା; (2) ଯେ ପ୍ରତିବାଦୀ ପୂର୍ବରୁ ଦିଲ୍ଲୀରେ ଏକ ଘରର ମାଲିକ ଥିଲେ ଯାହା ତାଙ୍କ ପାଇଁ ଉପଯୁକ୍ତ ଥିଲା; ଏବଂ (3) ଯେ ପ୍ରତିବାଦୀ ଭଡ଼ା ପ୍ରଦାନ କରିବାରେ ବିଫଳ ହୋଇଥିଲେ ।

ପ୍ରତିବାଦୀ ଏହି ଅଭିଯୋଗକୁ ଅସ୍ୱୀକାର କରି ଏକ ଲିଖିତ ବିବୃତି ଦାଖଲ କରିଥିଲେ । 1956 ମସିହା ଏପ୍ରିଲ 4 ତାରିଖରେ ଉପଯୁକ୍ତ ପ୍ରସଙ୍ଗ ପ୍ରସ୍ତୁତ କରାଯାଇଥିଲା । ଜୁନ୍, 5, 1956 ରେ, ବାଦୀ ଏବଂ ପ୍ରତିବାଦୀ ଦ୍ୱାରା ଏକ ଆବେଦନ ଦାଖଲ କରାଯାଇଥିଲା ଯେ ନିମ୍ନଲିଖିତ ସର୍ତ୍ତାବଳୀ ଆଧାରରେ ଏକ ଆପୋଷ ବୁଝାମଣା କରାଯାଇଥିଲା :

" (a) ପ୍ରତିବାଦୀଙ୍କ ବିରୁଦ୍ଧରେ ବାଦୀଙ୍କ ସପକ୍ଷରେ ବହିଷ୍କରଣ ପାଇଁ ଡିକ୍ରି ପାରିତ ହେବ, ଡିକ୍ରି ଡିସେମ୍ବର 31,1958 ପରେ କାର୍ଯ୍ୟକାରୀ ହେବ, ଯଦି ପ୍ରତିବାଦୀ ସେତେବେଳ ପର୍ଯ୍ୟନ୍ତ ଦଖଲ ନ ଛାଡ଼ନ୍ତି ।

(b) 1 ଜୁଲାଇ, 1956 ରୁ ଯେ ପର୍ଯ୍ୟନ୍ତ ପ୍ରତିବାଦୀ ପରିସର ଖାଲି କରି ନାହାନ୍ତି ସେପର୍ଯ୍ୟନ୍ତ ପରିସରର ମାନକ ଭଡ଼ା ବର୍ତ୍ତମାନ ପ୍ରଦାନ କରାଯାଉଥିବା ମାସିକ 50/- ଟଙ୍କା ବଦଳରେ 40 ଟଙ୍କା ସ୍ଥିର କରାଯିବ ।

(c) ଏହି ନ୍ୟାୟାଳୟରେ ଜମା ଥିବା ରାଶି ବାଦୀଙ୍କୁ ପ୍ରଦାନ କରାଯିବ, ଯାହାକୁ ପକ୍ଷମାନଙ୍କ ମଧ୍ୟରେ ସମାଯୋଜନ କରାଯିବ ।

ଜୁଲାଇ, 6, 1956 ରେ ବାଦୀ, ଏବଂ ପକ୍ଷଙ୍କ ଓକିଲ ସମନ ଉଦ୍ଦେଶ୍ୟରେ ନିଜର ସତ୍ୟନିଷ୍ଠ ପ୍ରତିଜ୍ଞା ପ୍ରଦାନ କରିଥିଲେ ଏବଂ ସେହି ଦିନ ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ଲିପିବଦ୍ଧ କରିଥିଲେ :

" ପକ୍ଷମାନଙ୍କ ଓକିଲଙ୍କ ବିବୃତି ଏବଂ ଲିଖିତ ଆପୋଷ ବୁଝାମଣାକୁ ଦୃଷ୍ଟିରେ ରଖି, ପ୍ରତିବାଦୀ ବିରୋଧରେ ବାଦୀଙ୍କ ସପକ୍ଷରେ ଡିକ୍ରି ପାରିତ କରାଯାଇଛି ।

"ତଦନୁସାରେ ଏହି ଡିକ୍ରି ପ୍ରସ୍ତୁତ କରାଯାଇଥିଲା ।

ତେବେ ପ୍ରତିବାଦୀ ଜଣକ ଡିସେମ୍ବର, 31, 1958 ରେ ପରିସର ଖାଲି କରିନଥିଲେ । ଅନ୍ୟପକ୍ଷରେ, ସେ ଫେବୃଆରୀ 16, 1959 ରେ ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 47, ଅଧୀନରେ ଡିକ୍ରିର ବୈଧତାକୁ ଆପତ୍ତି କରି ଏକ ଆବେଦନ ଉପସ୍ଥାପନ କରିଥିଲେ, ଏବଂ

ଅଭିଯୋଗ କରିଥିଲେ ଯେ ଏହା ଦିଲ୍ଲୀ ଏବଂ ଆଜମେର ଭଡ଼ା ନିୟନ୍ତ୍ରଣ ଅଧିନିୟମ 1952 (XXXVIII /1952 ) , (ଏହା ପରେ ଏହାକୁ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି)ର ଧାରା 13 ର ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ କରି ପାରିତ ହୋଇଛି । ସେ ଉପ ବିଚାରପତି ଏବଂ ଦିଲ୍ଲୀର ବରିଷ୍ଠ ଉପ ବିଚାରପତିଙ୍କ ସମ୍ମୁଖରେ ଆବେଦନ କରି ବିଫଳ ହୋଇଥିଲେ ।

ଉଚ୍ଚ ନ୍ୟାୟାଳୟ, ପୁନରୀକ୍ଷଣ ପରେ ନିର୍ଣ୍ଣୟ ପ୍ରଦାନ କରିଥିଲେ ଯେ ଡିକ୍ରିଟି ଅବୈଧ ଅଟେ କାରଣ ଆପୋଷ ବୁଝାମଣା ଆଧାରରେ ପାରିତ ଆଦେଶ ଏହା ସୂଚିତ କରେ ନାହିଁ ଯେ ଏଥିରେ ଅଧିନିୟମର ଧାରା 13 ରେ ଉଲ୍ଲିଖିତ ଥିବା କୌଣସି ବୈଧାନିକ ଆଧାର ବିଦ୍ୟମାନ ଥିଲା । *ବାହାଦୁର ସିଂହଙ୍କ* ମାମଲାରେ ([1]) ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ଏକ ଅଧିନିର୍ଣ୍ଣୟ ଆଧାରରେ ପାରିତ ହୋଇଥିବା ଡିକ୍ରି ଅଧିନିୟମର 13 (1) ର ଉଲ୍ଲଙ୍ଘନ କରୁଥିଲା କାରଣ ନ୍ୟାୟାଳୟ, ଉଚ୍ଛେଦ ବିଷୟ ବିଦ୍ୟମାନ ଅଛି ବୋଲି ନିଜକୁ ସନ୍ତୁଷ୍ଟ ନକରି ଅଧିନିର୍ଣ୍ଣୟ ଅନୁଯାୟୀ ଡିକ୍ରି ପାରିତ କରିଥିଲେ । ନ୍ୟାୟାଧୀଶ ବାଚାୱତ, ନ୍ୟାୟାଳୟ ତରଫରୁ କହିଥିଲେ ଯେ "ଧାରା 13 (1) ର ସରଳ ଶବ୍ଦରେ ନ୍ୟାୟାଳୟକୁ ଡିକ୍ରି ପାରିତ କରିବାକୁ ନିଷିଦ୍ଧ କରିଥିଲା । ଏହି ଡିକ୍ରି ଅବୈଧ ଅଟେ ଏବଂ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ । "ତଦନୁସାରେ, ଏହି ନ୍ୟାୟାଳୟ ଅନ୍ୟ ବିଷୟଗୁଡ଼ିକ ଅନ୍ୟାନ୍ୟ ବିଷୟ ମଧ୍ୟରେ ଘୋଷଣା କରିଥିଲେ ଯେ "ଜମି ମାଲିକଙ୍କୁ ପରିସରର ଦଖଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଉଥିବା ଡିକ୍ରି ଏକ ଅବୈଧ ଆଦେଶ ଏବଂ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ" ।

ବର୍ତ୍ତମାନର ମାମଲା ମଧ୍ୟ ଅଧିନିୟମର ଧାରା 13 (1) ର ବ୍ୟବସ୍ଥା ଦ୍ୱାରା ପରିଚାଳିତ ଏବଂ, ଯେପରି ଆମେ ପୂର୍ବରୁ କହିଛୁ, ବାହାଦୁର ସିଂଙ୍କ ମାମଲା (1) ରେ ଏହି ନ୍ୟାୟାଳୟଙ୍କର ରାୟକୁ ଦୃଷ୍ଟିରେ ରଖି ଏହି ଆବେଦନଟି ନିଶ୍ଚିତ ଭାବରେ ବିଫଳ ହେବ । ଫଳସ୍ୱରୂପ ଆବେଦନ ଖାରଜ ହୋଇଯାଏ, କିନ୍ତୁ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନହିଁ ।

R.K.P.S. ଆବେଦନ ଖାରଜ ହେଲା ।

([1]) [1969] 2. S.C.R. 432

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।